# NATIONAL NEWS BULLETIN (ODIA)

## 5 January-2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀରେ ଆଜି ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ମହାକୁମ୍ଭ ମେଳା ପାଇଁ ତୀର୍ଥଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ୧୩ହଜାର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ।
- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନିମନ୍ତେ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍ ।
- ପାକିସ୍ତାନରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୮ ମୃତ, ୪୦ରୁ ଅଧିକ ଆହତ ।

ଏବଂ

- ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭାରତର ୧୬୨ ରନ୍‌ର ବିଜୟଲକ୍ଷ୍ୟ ।

# ପିଏମ୍-ଦିଲ୍ଲୀ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିଲ୍ଲୀରେ ୧୨ହଜାର ୨୦୦କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ସାହିବାବାଦରୁ ନିଉ ଅଶୋକନଗର ମଧ୍ୟରେ ଦିଲ୍ଲୀ-ଗାଜିଆବାଦ-ମିରଟ ନମୋ ଭାରତ କରିଡରର ୧୩ କିଲୋମିଟରର ଦୀର୍ଘ ରାସ୍ତାକୁ ଉଦ୍‌ଘାଟନ କରିବେ । ସାହିବାବାଦ ଆର୍.ଆର୍.ଟି.ଏସ୍ ଷ୍ଟେସନରୁ ନୂଆ ଅଶୋକନଗର ଆର୍‌ଆର୍‌ଟିଏସ୍ ଷ୍ଟେସନ ପର୍ଯ୍ୟନ୍ତ ମଧ୍ୟ ପ୍ରଧାନମନ୍ତ୍ରୀ ନମୋ ଭାରତ ଟ୍ରେନ୍ ଯାତ୍ରା କରିବେ । ଏହାବ୍ୟତୀତ ଶ୍ରୀ ମୋଦୀ ଦିଲ୍ଲୀ ମେଟ୍ରୋ ଫେଜ୍-୪ର କନକପୁରୀରୁ କ୍ରିଷ୍ଣା ପାର୍କ ମଧ୍ୟରେ ୧୨ଶହ କୋଟି ଟଙ୍କା ମୂଲ୍ୟର ୨ ଦଶମିକ ୮ କିଲୋମିଟରର ରାସ୍ତାକୁ ଉଦ୍‌ଘାଟନ କରିବେ । ଏହାଦ୍ୱାରା ପଶ୍ଚିମ ଦିଲ୍ଲୀର କ୍ରିଷ୍ଣାପାର୍କ, ବିକାଶପୁରୀ, କନକପୁରୀ ଏବଂ ଅନ୍ୟାନ୍ୟ ଅଞ୍ଚଳର ଅଧିବାସୀମାନେ ଉପକୃତ ହେବେ । ପ୍ରଧାନମନ୍ତ୍ରୀ ଦିଲ୍ଲୀ ମେଟ୍ରୋ ଫେଜ୍-୪ର ୨୬ ଦଶମିକ ୫ କିଲୋମିଟରର ରିଥାଲା-କୁଣ୍ଡଳି ସେକ୍ସନର ଶିଳାନ୍ୟାସ କରିବେ । ଏଥିପାଇଁ ୬ହଜାର ୨୩୦କୋଟି ଟଙ୍କା ବ୍ୟୟବରାଦ

କରାଯାଇଛି । ଏହି କରିଡର ଦିଲ୍ଲୀର ରିଥାଲାକୁ ହରିୟାଣାର ନାଥୁପୁରକୁ ସଂଯୋଗ କରିବ । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଧାନମନ୍ତ୍ରୀ ରୋହିଣିଠାରେ କେନ୍ଦ୍ରୀୟ ଆର୍ୟୁବେଦ ଗବେଷଣା ପରିଷଦର ନୂତନ ଅତ୍ୟାଧୁନିକ କୋଠାର ଶିଳାନ୍ୟାସ କରିବେ ।

## ରେଲୱେ-ମହାକୁମ୍ଭ

ମହାକୁମ୍ଭ ମେଳା ପାଇଁ ତୀର୍ଥଯାତ୍ରୀମାନଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ୧୩ହଜାର ଟ୍ରେନ୍ ଚଳାଚଳ କରିବ । ଏଥିରେ ୧୦ହଜାର ନିୟମିତ ଟ୍ରେନ୍ ଓ ୩ ହଜାର ସ୍ୱତନ୍ତ୍ର ଟ୍ରେନ୍ ରହିଛି । ଏହି ଟ୍ରେନ୍‌ଗୁଡ଼ିକ ୫୦ଦିନ ଧରି ଚାଲିବ ଏବଂ ମେଳା ଆରମ୍ଭ ହେବା ପୂର୍ବରୁ ଓ ସରିବା ପରେ ୩ଦିନ ଚଳାଇବାକୁ ନିଷ୍ପତ୍ତି ହୋଇଛି । ପ୍ରୟାଗରାଜରେ ହେବାକୁ ଥିବା ମହାକୁମ୍ଭ ମେଳାରେ ପ୍ରାୟ ୪୦କୋଟି ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି । ଭିଡ ପରିଚାଳନା ପାଇଁ ରେଳବାଇ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଉତ୍ତରକେନ୍ଦ୍ରୀୟ ରେଳବାଇ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ଶଶିକାନ୍ତ ତ୍ରିପାଠୀ କହିଛନ୍ତି ତୀର୍ଥଯାତ୍ରୀଙ୍କୁ ସହଜ ଏବଂ ସୁରକ୍ଷିତ ଯାତ୍ରା ଅନୁଭୂତି ଦେବାପାଇଁ ରେଳବାଇ ଯୋଜନା ପ୍ରସ୍ତୁତ କରିଛି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ

ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ, ପରିବହନ ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ସରକାର ଓ ରେଳବାଇ ମିଳିତଭାବେ କାର୍ଯ୍ୟ କରୁଛନ୍ତି ।

ପ୍ରୟାଗରାଜର ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଂଗମ ସ୍ଥଳରେ ଚଳିତମାସ ୧୩ ତାରିଖରୁ ଫେବୃୟାରୀ ୨୬ ତାରିଖ ପର୍ଯ୍ୟନ୍ତ ମହାକୁମ୍ଭ ମେଳା ଅନୁଷ୍ଠିତ ହେବ ।

## ମହାକୁମ୍ଭ-ଇଣ୍ଟରନ୍ୟାସନାଲ

ସ୍ପେନ୍‌ରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ପର୍ଯ୍ୟଟନ ମେଳାରେ ଉତ୍ତରପ୍ରଦେଶ ସରକାର ମହାକୁମ୍ଭ ମେଳାକୁ ପ୍ରୋତ୍ସାହିତ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ମେଳାକୁ ମାନବତାର ସାଂସ୍କୃତିକ ଐତିହ୍ୟ ଭାବେ ଉପସ୍ଥାପିତ କରାଯିବା ସହ ଏହାର ଆଧ୍ୟାତ୍ମିକ, ଐତିହାସିକ ଏବଂ ସାଂସ୍କୃତିକ ମହତ୍ତ୍ୱ ଉପରେ ବିଶେଷ ଦୃଷ୍ଟି ଦିଆଯିବ । ସ୍ପେନ୍‌ର ମାଦ୍ରିଦଠାରେ ହେବାକୁ ଥିବା ଅନ୍ତର୍ଜାତୀୟ ପର୍ଯ୍ୟଟନ ମେଳାରେ ମହାକୁମ୍ଭ ମେଳାର ଭବ୍ୟତାକୁ ବିଶ୍ୱସ୍ତରରେ ଉପସ୍ଥାପନ କରିବା ପାଇଁ ଉତ୍ତରପ୍ରଦେଶ ପର୍ଯ୍ୟଟନ ବିଭାଗ ଯୋଜନା ପ୍ରସ୍ତୁତ କରିଛି । ଏଥିରେ ସମସ୍ତ ବିଶ୍ୱର

ଲୋକମାନଙ୍କୁ ମହାକୁମ୍ଭ ପରିଦର୍ଶନ କରିବା ଲାଗି ନିମନ୍ତ୍ରଣ ପ୍ରଦାନ କରାଯିବ ।

## ୟୁଏସ୍ ଏନ୍ଏସ୍ଏ-ଇଣ୍ଡିଆ ଭିଜିଟ୍

ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଆଲୋଚନା କରିବେ । ଉଭୟ ନେତା ମହାକାଶ ପ୍ରତିରକ୍ଷା ଏବଂ ରଣନୈତିକ ସହଯୋଗଠାରୁ ଆରମ୍ଭ କରି ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବେ । ଏହି ଗସ୍ତ ସମୟରେ ସୁଲିଭାନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି । ସେ ଦିଲ୍ଲୀ ସ୍ଥିତ ଆଇଆଇଟି ପରିଦର୍ଶନ କରି ଯୁବ ଭାରତୀୟ ଉଦ୍ୟୋଗୀ ମାନଙ୍କୁ ଅଭିଭାଷଣ ପ୍ରଦାନ କରିବେ । ଆମେରିକାର ୪୭ତମ ରାଷ୍ଟ୍ରପତିଭାବେ ଡୋନାଲ୍ଡ ଟ୍ରମ୍ପ ଶପଥ ଗ୍ରହଣ କରିବା ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନ୍ ଆସନ୍ତା ୨୦ ତାରିଖରେ ପଦ

ଛାଡିବା ପୂର୍ବରୁ ଏହି ଗସ୍ତ ଆୟୋଜନ କରାଯାଇଛି । ନିକଟରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ୱାଶିଂଟନ ଗସ୍ତ ସମୟରେ ସୁଲିଭାନ୍ଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ ।

## ପାକ୍ ବ୍ଲାଷ୍ଟ

ପାକିସ୍ତାନର ବଲୁଚିସ୍ତାନ ତୁରବତର ଧଙ୍ଗ ଅଞ୍ଚଳରେ ଏକ ଯାତ୍ରୀବାହୀ ଭ୍ୟାନ୍ ଏବଂ ପୋଲିସ ଗାଡି ଉପରେ ହୋଇଥିବା ଆତ୍ମଘାତୀ ବୋମା ବିସ୍ଫୋରଣରେ ୮ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ୪୦ରୁ ଅଧିକ ଆହତ ହୋଇଛନ୍ତି । ବିଚ୍ଛିନ୍ନତାବାଦୀ ସଂଗଠନ ବଲୋଚ ଲିବରେସନ ଆର୍ମି ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟି କରିଛି । ଏକ ଭ୍ୟାନ୍ ନିକଟରେ ଥିବା ଯାତ୍ରୀବାହୀ ଭ୍ୟାନ୍ ଓ ପୁଲିସ ଗାଡ଼ିରେ ବଡ଼ ଧରଣର ବିସ୍ଫୋରଣ ଶବ୍ଦ ହୋଇଥିଲା । ସେହି ଭ୍ୟାନ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ସୁରକ୍ଷା କର୍ମଚାରୀ ଥିଲେ । ବିସ୍ଫୋରଣ ପରେ ପୁଲିସ ଓ ସୁରକ୍ଷା ବାହିନୀ ସମ୍ପୃକ୍ତ ଅଞ୍ଚଳକୁ ଘେରାଉ କରିଥିଲେ ।

ଉଦ୍ଧାରକାରୀ ଦଳ ମୃତକ ଏବଂ ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆହତମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ବଲୋଚ ଲିବରେସନ ଆର୍ମି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ

ମାଜିଦ ବ୍ରିଗେଡ ଫିରଦାଇ ୟୁନିଟ୍ ପକ୍ଷରୁ ଏହି ଆକ୍ରମଣ କରାଯାଇଛି । ବଲୁଚିସ୍ତାନ ସଂପୃକ୍ତ ସଂଗଠନ ପକ୍ଷରୁ ପୂର୍ବରୁ କେତେକ ଆତ୍ମଘାତୀ ଆକ୍ରମଣ ହୋଇଥିବାବେଳେ ଅନେକ ସେନା ଯବାନ ପ୍ରାଣ ହରାଇଥିଲେ ।

# ଅଧିକାରୀ ମମତା ବିଏସ୍ଏଫ୍

ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏକ ପତ୍ର ଲେଖିଛନ୍ତି । ଏଥିରେ ଗତ ୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସୀମା ସୁରକ୍ଷା ବଳ ବିରୋଧରେ ଦିଆଯାଇଥିବା ବୟାନକୁ ବିରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ୨ ତାରିଖରେ ଗଣମାଧ୍ୟମକୁ କହିଥିଲେ ଯେ ରାଜ୍ୟ ପୁଲିସ ସୀମା ସୁରକ୍ଷା କରେ ନାହିଁ, ଏଥିପାଇଁ ବିଏସ୍ଏଫ୍ ଦାୟୀ । ଅନେକ ସମୟରେ ବାଂଲାଦେଶରେ ହେଉଥିବା ବେଆଇନ୍ ଅନୁପ୍ରବେଶକୁ ବିଏସ୍ଏଫ୍ ସହଯୋଗ କରୁଥିବା ସେ କହିଥିଲେ । ଶ୍ରୀ ଅଧିକାରୀ ଦର୍ଶାଇଛନ୍ତି ଯେ ପ୍ରଥମଥର ପାଇଁ କୌଣସି ମୁଖ୍ୟମନ୍ତ୍ରୀ ଭୋଟ୍ ବ୍ୟାଙ୍କ ନିମନ୍ତେ ବିଏସ୍ଏଫ୍ର ମନୋବଳକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଏଭଳି ମନ୍ତବ୍ୟ ଦେଇଛନ୍ତି ।

ସେ କହିଛନ୍ତି ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ପଶ୍ଚିମବଙ୍ଗ ସୀମାନ୍ତ ଜିଲ୍ଲାରେ ଭାରତ ଓ ବାଂଲାଦେଶ ମଧ୍ୟରେ ଥିବା ଆନ୍ତର୍ଜାତୀୟ ସୀମାରେ କଣ୍ଟାବାଡ ଲଗାଇବା ପାଇଁ ବିଏସ୍ଏଫ୍‌କୁ ଜମି ଆବଣ୍ଟନ କରିନାହାନ୍ତି । ସେ କହିଛନ୍ତି କେନ୍ଦ୍ର ସରକାର ଅନୁପ୍ରବେଶକାରୀଙ୍କୁ ଠାବ କରିବା, ସେମାନଙ୍କ ନାମ ଭୋଟର ତାଲିକାରେ ବାଦ ଦେବା ଏବଂ ସେମାନଙ୍କ ପ୍ରତ୍ୟାର୍ପଣ ପାଇଁ ପ୍ରତିଶ୍ରୁତିବଦ୍ଧ ।

## ବାଂଲା ଜୁଡିସିଆଲ ଅଫିସର୍ସ

ଗତବର୍ଷ ଅଗଷ୍ଟ ମାସରେ ଶେଖ ହାସିନା ସରକାରଙ୍କ ପତନ ପରେ ଢ଼ାକା ଓ ନୂଆଦିଲ୍ଲୀ ମଧ୍ୟରେ ଚାଲିଥିବା ଉତ୍ତେଜନା ସତ୍ତ୍ୱେ ୫୦ଜଣ ବାଂଲାଦେଶୀ ନ୍ୟାୟିକ ଅଧିକାରୀ ଭାରତରେ ସରକାରୀ ଏକାଡେମୀରେ ୧୦ଦିନିଆ ପ୍ରଶିକ୍ଷଣ ନେବେ । ବାଂଲାଦେଶର ଏକ ସମ୍ବାଦପତ୍ର ରିପୋର୍ଟ ଅନୁଯାୟୀ ଆଇନ୍ ମନ୍ତ୍ରଣାଳୟ ଅଧୀନ ଅଦାଲତର ୫୦ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ମଧ୍ୟପ୍ରଦେଶର ଭୋପାଳଠାରେ ଥିବା ଜାତୀୟ ନ୍ୟାୟିକ ଏକାଡେମୀ ଏବଂ ରାଜ୍ୟ ନ୍ୟାୟିକ ଏକାଡେମୀରେ ପ୍ରଶିକ୍ଷଣ ଦିଆଯିବ । ସୁପ୍ରିମକୋର୍ଟଙ୍କ ପରାମର୍ଶକ୍ରମେ ଆଇନ୍ ମନ୍ତ୍ରଣାଳୟ ଏହି ଅନୁମତି ପ୍ରଦାନ କରିଛି ।

ବାଂଲାଦେଶର ସଂପୃକ୍ତ ନ୍ୟାୟିକ ଅଧିକାରୀମାନେ ଫେବୃୟାରୀ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣରେ ଭାଗନେବେ । ସେମାନଙ୍କ ମଧ୍ୟରେ ସହକାରୀ ବିଚାରପତି, ବରିଷ୍ଠ ସହକାରୀ ବିଚାରପତି, ଜିଲ୍ଲା ଏବଂ ସେସନ୍ସ ଜଜ୍, ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ଓ ସମାନ ପାହ୍ୟାର ନ୍ୟାୟିକ ଅଧିକାରୀମାନେ ଅଛନ୍ତି । ଏହି ପ୍ରଶିକ୍ଷଣର ସମସ୍ତ ଖର୍ଚ୍ଚ ଭାରତ ସରକାର ବହନ କରିବେ ।

## ଇଣ୍ଡିଆ-ଫ୍ରାନ୍ସ ବରୁଣ

ଦ୍ୱିପାକ୍ଷିକ ନୌସେନା ସମରାଭ୍ୟାସ ବରୁଣରେ ଅଂଶଗ୍ରହଣ କରିବା ପାଇଁ ଫ୍ରାନ୍ସ ନୌସେନାର ପରମାଣୁ ଶକ୍ତିସମ୍ପନ୍ନ ବିମାନବାହୀ ଜାହାଜ ଚାର୍ଲ୍ସ ଡି ଗାଲ ଗୋଆରେ ପହଞ୍ଚିଛି । ଗତକାଲି ଗୋଆର ମୋରମୁଗାଓ ବନ୍ଦରରେ ପହଞ୍ଚିବା ପରେ ଫ୍ରାନ୍ସ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍‌କୁ ଆନୁଷ୍ଠାନିକ ଭାବେ ଭାରତୀୟ ନୌସେନା ବ୍ୟାଣ୍ଡ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏହି ସାମୁଦ୍ରିକ ଯୁଦ୍ଧ ବିମାନ ଭାରତୀୟ ନୌସେନା ଜାହାଜ ସହ ୪୨ତମ ବାର୍ଷିକ ଦ୍ୱିପାକ୍ଷିକ ସମରାଭ୍ୟାସରେ ଅଂଶଗ୍ରହଣ କରିବ । ଭାରତୀୟ ନୌସେନାର ପଶ୍ଚିମ କମାଣ୍ଡ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଉଭୟ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ଓ ନୌସେନା ମଧ୍ୟରେ ସହଯୋଗ ନିମନ୍ତେ ଏହି ସମରାଭ୍ୟାସର ଆୟୋଜନ କରାଯାଇଛି ।

ଭାରତ ମହାସାଗରୀୟ ଅଞ୍ଚଳରେ ସାମୁଦ୍ରିକ ନିରାପତ୍ତା ପାଇଁ ଫ୍ରାନ୍ସ ଏବଂ ଭାରତ ନିୟମିତ ଭାବେ ସହଯୋଗପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି । ୨୦୦୮ ମସିହାରୁ ଭାରତ ଦ୍ୱାରା ଆରମ୍ଭ କରାଯାଇଥିବା ମହାସାଗର ନୌସେନା ସିମ୍ପୋଜିୟମରେ ଫ୍ରାନ୍ସ ସଦସ୍ୟ ରହିଛି ଏବଂ ଏଥିରେ ୨୫ଜଣ ନୌସେନା ସାମିଲ ଅଛନ୍ତି । ବେଆଇନ୍ ଚାଲାଣ ଓ ମାଛଧରା, ଅନୁସନ୍ଧାନ, ଉଦ୍ଧାର ଏବଂ ପ୍ରଦୂଷଣ ସମେତ ବିଭିନ୍ନ ସାମୁଦ୍ରିକ ସମସ୍ୟାର ମୁକାବିଲା ଦିଗରେ ଉଭୟ ଦେଶ ଏହି ଫୋରମରେ କାର୍ଯ୍ୟ କରୁଛନ୍ତି ।

## ଫୁଟବଲ ଇଣ୍ଡିଆନ ସୁପର ଲିଗ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲରେ ଜାମସେଦପୁର ଏଫ୍‌ସି ୨-୧ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି । ବେଙ୍ଗାଲୁରୁ ଏଫ୍‌ସି ପ୍ରଥମେ ଅଗ୍ରଣୀ ହାସଲ କରିଥିବାବେଳେ ୧୯ତମ ମିନିଟ୍‌ରେ ଆଲବଟୋ ନୋଗୁଏରା ଗୋଲ୍ ଦେଇଥିଲେ । ୮୪ତମ ମିନିଟ୍‌ରେ ଜାମସେଦପୁର ୨ଟି ଗୋଲ୍‌ଦେଇ ମ୍ୟାଚ୍‌ରେ ବିଜୟଲାଭ କରିଥିଲା ।

ଗତକାଲି ସଂଧ୍ୟାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଏଫ୍‌ସି ଗୋଆ ଓଡ଼ିଶା ଏଫ୍‌ସିକୁ ୪-୨ ଗୋଲ୍‌ରେ ପରାସ୍ତ କରିଛି । ଆଜି

ସଂଧ୍ୟାରେ ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ପଞ୍ଜାବ ଏଫ୍‌ସି ଏବଂ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ମଧ୍ୟରେ ଭାରତୀୟ ସମୟ ସଂଧ୍ୟା ୭ଟା ୩୦ମିନିଟ୍‌ରେ ମ୍ୟାଚ୍ ଅନୁଷ୍ଠିତ ହେବ । ପଏଣ୍ଟ ତାଲିକାରେ ପଞ୍ଜାବ ୧୨ଟି ମ୍ୟାଚ୍‌ରୁ ୧୮ଟି ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଥିବାବେଳେ କେରଳ ୧୪ଟି ମ୍ୟାଚ୍‌ରୁ ୧୪ ପଏଣ୍ଟ ସହ ଦ୍ୱାଦଶ ସ୍ଥାନରେରହିଛି ।

## ଟେଷ୍ଟ କ୍ରିକେଟ

ସିଡ୍‌ନୀଠାରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ଭାରତ ଅଷ୍ଟ୍ରେଲିଆକୁ ୧୬୨ରନ୍‌ର ବିଜୟଲକ୍ଷ୍ୟ ଦେଇଛି । ଗତକାଲିର ସ୍କୋର୍ ୬ ୱିକେଟ୍ ୧୪୧ରନ୍‌ରୁ ଆଜି ସକାଳେ ଭାରତ ଖେଳ ଆରମ୍ଭ କରି ମାତ୍ର ୧୬ ରନ୍ କରିବାପରେ ୧୫୭ ରନ୍‌ରେ ଅଲ୍‌ଆଉଟ୍ ହୋଇଛି । ଅଷ୍ଟ୍ରେଲିଆ ପକ୍ଷରୁ ସୋଟ୍ ବୋଲାଣ୍ଡ ୬ଟି ଏବଂ ଅଧିନାୟକ ପାଟ୍ କମିନ୍ସ ୩ଟି ୱିକେଟ୍ ନେଇଛନ୍ତି ।

ମଧ୍ୟାହ୍ନ ବିରତି ସୁଦ୍ଧା ଅଷ୍ଟ୍ରେଲିଆ ୩ ୱିକେଟ୍ ହରାଇ ୭୧ ରନ୍ ସଂଗ୍ରହ କରିଛି ।